# Akashvani, Sambalpur

## SAMBALPURI NEWS BULLETIN

### 23 September 2024- 6.47- 6.52 am.

**************************************************

ଭରତ୍‌ପୁର ବିଚାର୍ ବିଭାଗୀୟ ତଦନ୍ତ୍     ଆର୍‌ଏନ୍‌ୟୁ

/ସମ୍ବଲପୁର

ଭୁବ୍‌ନେଶ୍ୱର୍ ଭରତ୍‌ପୁର୍ ଥାନା ନ ଘଟିଥିବା ଘଟ୍‌ନାର୍ ବିଚାର୍ ବିଭାଗୀୟ ତଦନ୍ତ୍ ଲାଗି ରାଜ୍ୟ ସର୍‌କାର୍ ନିର୍ଦ୍ଦେଶ୍ ଦେଇଛନ୍ । ବିଚାର୍‌ପତି ଜଷ୍ଟିସ୍ ଚିତରଞ୍ଜନ୍ ଦାସ ଇ ମାମ୍‌ଲାର୍ ତଦନ୍ତ୍ କର୍‌ବେ । ୬୦ ଦିନ୍ ଭିତ୍‌ରେ ଇତାର୍ ରିପୋର୍ଟ ଦେବାର୍‌କେ କମିଶନ୍‌ଙ୍କୁ ଅନୁରୋଧ୍ କରାଯାଇଛେ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଗଲାକାଏଲ୍ ଇ ଘଟ୍‌ନାକେ ନେଇକରି ଲୋକ୍‌ସଭା ଭବନ୍ ନ ଗୁଟେ ଉଚ୍ଚାଦର୍‌ଜାର୍ ବୈଠକ୍ କରିଥିଲେ । ବୈଠକ୍‌ଥି ବିଚାର୍ ବିଭାଗୀୟ ତଦନ୍ତ୍ କର୍‌ବାର୍‌କେ ନିଷ୍ପତି ନିଆଯାଇଥିଲା । ଇତାର୍‌ସହେତେ ହାଇକୋର୍ଟଙ୍କର୍ ତଦାରଖିଥି କ୍ରାଇମ୍‌ବ୍ରାଂଚ୍ ତଦନ୍ତ୍ ଜଲ୍‌ଦି କର୍‌ବାର୍‌କେ ହାଇକୋର୍ଟଙ୍କୁ ଅନୁରୋଧ୍ କରାଯାଇଛେ ।

ମୁଖ୍ୟମନ୍ତ୍ରୀ ଜନଶୁଣାଣି          ଆର୍‌ଏନ୍‌ୟୁ/ କଟକ୍

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ଭୁବ୍‌ନେଶ୍ୱର୍‌ର ୫ ନମ୍ବର୍ ୟୁନିଟ୍ ନ ଥିବା ତାଙ୍କର୍ ସର୍‌କାରୀ ବାସଭବନ୍‌ଥି ଲୋକ୍‌ମାନ୍‌କର୍ ଭିନ୍ ଭିନ୍ ଅଭିଯୋଗ୍‌ର ଶୁଣାଣି କର୍‌ବେ । ମିଳିଥିବା ସୂଚ୍‌ନା ଅନ୍‌ସାରେ ଗଲାକାଏଲ୍ ଉପର୍‌ବେଲା ୨ ବଜେତକ୍ ୧ ହଜାର୍ ଅଭିଯୋଗ୍‌କାରୀ ସେମାନ୍‌କର୍ ନାଁ ପଞ୍ଜିକରଣ୍ କରି ସାରିଛନ୍ । ଇମାନେ ସଭେ ଆଏଜ୍ ମୁଖ୍ୟମନ୍ତ୍ରୀଙ୍କୁ ଭେଟିକରି ସେମାନ୍‌କର୍ ଅଭିଯୋଗ୍ ଜନାବେ । ଇନ ଜନେଇ ଦିଆଯାଇପାରେ ଯେ, ଇଥର ଜନଅଭିଯୋଗ୍ ଶୁଣାଣି ମୁଖ୍ୟମନ୍ତ୍ରୀଙ୍କର୍ ଅଭିଯୋଗ୍ ପ୍ରକୋଷ୍ଠ ବଦ୍‌ଲା ପାଖେ ଥିବା ସର୍‌କାରୀ ବାସଭବନ୍ ନ ହେବା ।

ଶ୍ରୀମନ୍ଦିର୍ ରତ୍ନଭଣ୍ଡାର୍          ଆର୍‌ଏନ୍‌ୟୁ /ସମ୍ବଲପୁର

ଭାରତୀୟ ପ୍ରତ୍ନତାତ୍ତ୍ୱିକ ସଂସ୍ଥା- ଏଏସ୍‌ଆଇ ତର୍‌ଫୁ ପୁରୀ ଶ୍ରୀମନ୍ଦିର୍ ରତ୍ନଭଣ୍ଡାର୍ ନିରୀକ୍ଷଣ୍ ଆଉ ବୈଷୟିକ ସର୍ଭେ କାମ୍ ଶେଷ୍ ହେଇଛେ । ଇ ସର୍ଭେ ଆଉ ନିରୀକ୍ଷଣ୍‌କେ ବିଶ୍ଳେଷଣ୍ କରାଯିବାର୍ ଉତ୍‌ରୁ ଇତାର୍ ରିପୋର୍ଟ ମିଲ୍‌ବା ଇଥିର୍‌ଲାଗି ୧୦ ଦିନ୍ ସମୟ ଲାଗ୍‌ବା ବଲି ଜନାପଡ଼ିଛେ । ଅତ୍ୟାଧୁନିକ୍

ବୈଜ୍ଞାନିକ୍ ଉପକରଣ୍ ବେଭାର୍ କରାଯାଇକରି ଗଲାକାଏଲ୍ ପାଖାପାଖ୍ ୪ ଘଂଟା ଧରିକରି ସର୍ଭେ କରାଯାଇଥିଲା । ଏଏସ୍ଆଇର ସର୍ଭେ ରିପୋର୍ଟ ଆସ୍‌ଲା ଉତ୍‌ରୁ ରାଜ୍ୟ ସର୍‌କାର୍‌ଙ୍କର୍ ନିର୍ଦ୍ଦେଶ୍‌ଥି ପରବର୍ତୀ ପଦକ୍ଷେପ୍ ନିଆଯିବା । ଏଏସ୍ଆଇର ସର୍ଭେ ଲାଗି ୩ ଦିନ୍ ଲାଗି ନୀତିନିର୍ଘଂଟ ହେଇଥିଲା । ଆଉ ମାହାପୁରୁଙ୍କର୍ ଦର୍ଶନ୍‌ଥି କଟ୍‌କନା ଲାଗୁ କରାଯାଇଥିଲା । ହେଲେ ଗଲାକାଏଲ୍ ଏଏସ୍ଆଇ ସର୍ଭେ ସରିଯାଇଥିବାର୍‌ନୁ ଆଏଜ୍ ଆଉ କଟ୍‌କନା ନାଇଁ ରହେ ବଲି ଶ୍ରୀମନ୍ଦିର୍ ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ କହିଛନ୍ ।

ଦାଏଲ୍ ଜାତୀୟ ଫସଲ୍- ବ୍ଲୁପ୍ରିଂଟ୍    ଆର୍‌ଏନ୍‌ୟୁ / ସମ୍ବଲପୁର

କୃଷି ବିଭାଗ୍ ଖରିଫ୍ ଧାନ୍ ଚାଷ୍ ଉତ୍‌ରୁ ମୁଗ୍, ବିର୍‌ହି, କୁଲୁଥ ଆର୍ ଚନା ବାଗିର୍ ଦାଏଲ୍ ଜାତୀୟ ଫସଲ୍ ଚାଷ୍ ଲାଗି ବ୍ଲୁ ପ୍ରିଂଟ୍ ତିଆର୍ କରିଛେ ବଲି କୃଷି ଆଉ ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ କହିଛନ୍ । ସେ କହିଛନ୍ ଯେ, ଇ ଆର୍ଥିକ୍ ବଛ୍‌ରେ ୧୨ ଲାଖ୍ ୫୦ ହଜାର୍ ଏକର୍ ଜମିଥି ଇ ଫସଲ୍ କର୍‌ବାର୍‌କେ ଲକ୍ଷ୍ୟ ରଖାଯାଇଛେ । ଇଥିର୍‌ଲାଗି ୨୦୨୪-୨୫ ବଛ୍‌ରେ ୨ ଶହ ୫୨ କୋଟି ୯୦ ଲାଖ୍ ଟଙ୍କାର୍ ବ୍ୟୟ ବରାଦ୍ କରାଯାଇଛେ ।

ମନ୍ କି ବାତ୍		ଏନ୍ଏସ୍ଡି

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୨୯ ତାରିଖ୍ ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୧୪ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା । ଆଏବା ୨୭ ତାରିଖ୍‌ତକ୍ ମାହାଲିଆ ଫୋନ୍ ନମ୍ବର୍ ୧୮୦୦-୧୧-୭୮୦୦ କେ ଡାଏଲ୍ କରିକରି ଲୁକେ ସେମାନ୍‌କର୍ ସନ୍ଦେଶ୍ ହିନ୍ଦୀ କି ଇଂରାଜୀଥି ପଠେଇପାର୍‌ବେ । ଇଟାର୍‌ଛଡ଼ା ୧୯୨୨ ଫୋନ୍ ନମ୍ବର୍‌ଥି ମିସ୍‌ଡ୍ କଲ୍ ଦେଇକରି ଏସ୍ଏମ୍ଏସ୍ ଜରିଏ ମିଲିପାରୁଥିବା ଲିଙ୍କ୍‌ଥି ଭିଲ୍ ସନ୍ଦେଶ୍ ଦେଇପାର୍‌ବେ । ନରେନ୍ଦ୍ର ମୋଦୀ ଆପ୍ ନାଇଁ ହେଲେ ମାଇ ଗଭ୍ ଓପନ୍ ଫୋରମ୍ ଜରିଏ ଅନ୍‌ଲାଇନ୍‌ଥି ସନ୍ଦେଶ୍ ଦିଆଯାଇପାର୍‌ବା ।

ଇ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଏଆଇଆର୍ ନ୍ୟୁଜ୍, ଡିଡି ନ୍ୟୁଜ୍, ପିଏମ୍ଓ ଅଫିସ୍, ସୂଚନା ଆଉ ପ୍ରସାରଣ୍

ମନ୍ତ୍ରଣାଳୟର ୟୁ-ଟ୍ୟୁବ୍ ଚେନାଲ୍ ଥି ଭିଲ୍ ପ୍ରସାରଣ୍ କରାଯିବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଲିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା ।

ଏକଲବ୍ୟ ପୁରସ୍କାର୍ ଆର୍‌ଏନ୍‌ୟୁ /ସମ୍ବଲପୁର

ଓଡ଼ିଶାର୍ ଆନ୍ତର୍ଜାତୀୟ ସନ୍ତରଣକାରୀ ପ୍ରତ୍ୟାଶା ରାୟ ୨୦୨୪ ମସିହା ସମ୍ମାନ୍ ଜନକ୍ ଏକଲବ୍ୟ ପୁରସ୍କାର୍ ପାଏବେ । ପୁରସ୍କାର୍ ବାବ୍‌ଦେ ତାଙ୍କୁ ୭ ଲାଖ୍ ଟଙ୍କା ଆଉ ମାନପତ୍ର ଦିଆଯିବା । ଗଲାକାଏଲ୍ ଏକଲବ୍ୟ ପୁରସ୍କାର୍ ଜୁରି କମିଟି ବୈଠକ୍ ଉତ୍‌ରୁ ସର୍ବସମ୍ମତିକ୍ରମେ ପ୍ରତ୍ୟାଶାଙ୍କର୍ ନାଁ ଘୋଷ୍‌ନା କରାଯାଇଥିଲା ।

ସ୍ୱଛତାର୍ ବାର୍ତା -ସାଂସ୍କୃତିକ୍ କାର୍ଯ୍ୟକ୍ରମ ଆର୍‌ଏନ୍‌ୟୁ /ସମ୍ବଲପୁର

ସ୍ୱଛତାର୍ ବାର୍ତା ଲୋକ୍‌ମାନ୍‌କର୍ ନିକେ ପହଁଚାବାର୍ ଲାଗି ସମ୍ବଲ୍‌ପୁର୍‌ର ମନ୍ଦ୍‌ଲିଆ ପଡ଼ିଆ ନ ଗୁଟେ ସାଂସ୍କୃତିକ୍ କାର୍ଯ୍ୟକ୍ରମ୍ ହେଇଯାଇଛେ । ଇ କାର୍ଯ୍ୟକ୍ରମ୍‌ଥି କଲାକାର୍ ଆର୍ ଭିନ୍ ଭିନ୍

ସ୍କୁଲ୍‌ର ଛାତ୍ରଛାତ୍ରୀମାନେ ଯୋଗ୍‌ଦେଇକରି ସାଂସ୍କୃତିକ୍ କାର୍ଯ୍ୟକ୍ରମ୍ ପରିବେଷଣ କରିଥିଲେ ।

ଆକାଶ୍‌ବାଣୀ ଶ୍ରୋତା ସଂଘ -ନୂଆଖାଇ ଭେଟ୍     ବର୍‌ଗଡ଼୍

ଆକାଶ୍‌ବାଣୀ ଶ୍ରୋତା ସଂଘ ତର୍‌ଫୁ ବର୍‌ଗଡ଼୍ ନ ଗଲାକାଏଲ୍ ନୂଆଖାଇ ଭେଟ୍ ହେଇଯାଇଛେ । ସଂଘର୍ ସଭାପତି କୃଷ୍ଣଚନ୍ଦ୍ର ପ୍ରଧାନ୍‌ଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ଇ କାର୍ଯ୍ୟକ୍ରମ୍‌ଥି ସଂଘର୍ କର୍ମକର୍ତା ଆର୍ ସଦସ୍ୟମାନେ ଯୋଗ୍ ଦେଇଥିଲେ । ଇ ଅବ୍‌ସରେ ଗୁଟେ କବିତା ଆସର୍ ଭିଲ୍ ହେଇଥିଲା ।

ବର୍‌ପାଲି କପ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଂଟ          ବର୍‌ଗଡ଼୍

ସମ୍ବାଦଦାତା

ବର୍‌ଗଡ଼୍ ଜିଲ୍ଲାର୍ ବର୍‌ପାଲି ଏଥ୍‌ଲେଟିକ୍ ଏସୋସିଏସନ୍ ତର୍‌ଫୁ ଚାଲିଥିବା ୬ ନମ୍ବର୍ ବର୍‌ପାଲି କପ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଂଟ୍‌ଥି କଦ୍‌ଲିପାଲି ଦଲ୍ ଚମ୍ପିଆନ୍ ହେଇଛେ । କଦ୍‌ଲିପାଲି ଦଲ୍ ସିକିର୍ଡି ଦଲ୍‌କେ ୫/ଶୂନ୍ ଗୋଲ୍‌ଥି ହରେଇଥିଲା । ଗଲା ୧୬ ତାରିଖ୍‌ନୁ ହେଇଥିବା ଇ ପ୍ରତିଯୋଗିତାଥି ୮ ଟା ଦଲ୍ ଭାଗ୍ ନେଇଥିଲେ ।

ଡେଙ୍ଗୁ            ଆର୍‌ଏନ୍‌ୟୁ /ସମ୍ବଲପୁର

ରାଏଜେ ଗଲା ୭ ଦିନ୍ ଭିତ୍‌ରେ ହଜାରେ ନୂଆଁ ଡେଙ୍ଗୁ ରୋଗୀ ଚିହ୍ନଟ୍ ହେଇଛନ୍ । ଇତାର୍ ଉତ୍‌ରୁ ମୋଟ୍ ରୋଗୀଙ୍କର୍ ସଂଖ୍ୟା ୬ ହଜାର୍ ୪ ଶହ ୪୦ ଥି ପୁହୁଁଚିଛେ । ସୁନ୍ଦର୍‌ଗଡ୍‌ନୁ ସବୁନୁ ଅଏତ୍‌କା ୨ ହଜାର୍ ଶହେ ଡେଙ୍ଗୁ ରୋଗୀ ଚିହ୍ନଟ୍ ହେଇଛନ୍ । ସ୍ୱାସ୍ଥ୍ୟବିଭାଗ୍ ତର୍‌ଫୁ ଡେଙ୍ଗୁ ମୁକାବିଲା ଲାଗି ପଦକ୍ଷେପ୍ ନିଆଯାଉଛେ । ଅଏତ୍‌କା ଚିହ୍ନଟ୍ ହେଉଥିବା ଜିଲ୍ଲା ଉପ୍‌ରେ ସ୍ୱତନ୍ତ୍ର ନଜର୍ ରଖାଯାଇଛେ ବଲି ସ୍ୱାସ୍ଥ୍ୟ ବିଭାଗ୍ ତରଫୁ କୁହାଯାଇଛେ ।

ପାଣିପାଗ       ଆର୍‌ଏନ୍‌ୟୁ /ସମ୍ବଲପୁର

ବଙ୍ଗୋପ୍‌ସାଗର୍ ଉପ୍‌ରେ ଗୁଟେ ଘୂର୍ଣ୍ଣିବଳୟ ସୃଷ୍ଟି ହେଇଛେ । ଇତାର୍‌ପ୍ରଭାବ୍‌ଥି ଆଏଜ୍ ଗୁଟେ ଲଘୁଚାପ୍ ସୃଷ୍ଟି ହେବାର୍ ସମ୍ଭାବନା ରହିଛେ । ସମ୍ଭାବ୍ୟ ଲଘୁଚାପ୍ ଲାଗି ରାଏଜେ ଫେର୍ ବର୍ଷା ବଢ଼ିପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ଅନୁମାନ୍ କରିଛେ । ଆଏବା କାଏଲ୍‌ନୁ ଗୁରୁବାର୍ ତକ୍

ଦକ୍ଷିଣ ଆଉ ପଶ୍ଚିମ ଓଡ଼ିଶା ନ ଜବର୍ ବର୍ଷା ହେଇପାରେ ବଲି ପାଣିପାଗ୍ କେନ୍ଦ୍ର ତର୍ଫୁ ସତର୍କ କରାଯାଇଛେ ।